# NATIONAL NEWS BULLETIN (ODIA)

## 28 January - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦ ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ

– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ କରିବେ ସମ୍ବୋଧନ

– ଆସନ୍ତାକାଲି ସଂସଦରେ ଉପସ୍ଥାପନ କରାଯିବ ଅର୍ଥନୈତିକ ସର୍ଭେ ରିପୋର୍ଟ

- ନୂଆଦିଲ୍ଲୀର କାରିଆପ୍ପା ପ୍ୟାରେଡ୍ ଗ୍ରାଉଣ୍ଡରେ ବାର୍ଷିକ ଏନ୍‌ସିସି ପିଏମ୍ ର୍‍ୟାଲିରେ ଉଦ୍‌ବୋଧନ  ଦେବେ ପ୍ରଧାନମନ୍ତ୍ରୀ

- ସାଇବର ସୁରକ୍ଷା ଓ ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ତଥ୍ୟ ଗୋପନୀୟତା ଦିବସ

ଏବଂ

● ବିଶାଖାପଟନମ୍‌ରେ ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ଚତୁର୍ଥ ଟି-୨୦ ମ୍ୟାଚ୍

# ବଜେଟ୍ ଅଧିବେଶନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଭୟ ଗୃହର ମିଳିତ ଅଧିବେଶନରେ ସମ୍ବୋଧନ ସହ ସଂସଦ ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆସନ୍ତା ଏପ୍ରିଲ୍ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅଧିବେଶନ କାଳରେ ୩୦ଟି ବୈଠକ ଅନୁଷ୍ଠିତ ହେବ । ଆସନ୍ତାକାଲି ଅର୍ଥନୈତିକ ସର୍ଭେ ରିପୋର୍ଟ ଗୃହରେ ଉପସ୍ଥାପିତ ହେବ । ଆସନ୍ତା ମାସ ପହିଲାରେ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରାଯିବ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗତକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଏବଂ ସଂସଦର ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ବୈଠକରେ ମତ ବିନିମୟ ହୋଇଥିଲା ।

# ପିଏମ୍ ଏନ୍‌ସିସି ର୍‍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର କାରିଆପ୍ପା ପ୍ୟାରେଡ୍ ଗ୍ରାଉଣ୍ଡ୍‌ରେ ବାର୍ଷିକ ଏନ୍‌ସିସି ପିଏମ୍ ର୍‍ୟାଲିରେ ଉଦ୍‌ବୋଧନ ଦେବେ । ଚଳିତବର୍ଷ ଏହି ର୍‍ୟାଲିର ବିଷୟବସ୍ତୁ ରହିଛି "ରାଷ୍ଟ୍ର ପ୍ରଥମ-କର୍ତ୍ତବ୍ୟନିଷ୍ଠ ଯୁବ" । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ବିବୃତିରେ କୁହାଯାଇଛି, ଏହି ର୍‍ୟାଲି  ଭାରତୀୟ ଯୁବଗୋଷ୍ଠୀଙ୍କ ମଧ୍ୟରେ କର୍ତ୍ତବ୍ୟ, ଶୃଙ୍ଖଳା ଏବଂ ଜାତୀୟତା ପ୍ରତିଶ୍ରୁତିବଦ୍ଧ ପ୍ରତିଫଳିତ କରୁଛି । ଏହି ଏନ୍‌ସିସି ପିଏମ୍ ର୍‍ୟାଲି' ଦୀର୍ଘ ମାସେବ୍ୟାପି ଚାଲିଥିବା ଏନ୍‌ସିସି ଗଣତନ୍ତ୍ର ଦିବସ ଶିବିର ୨୦୨୬ର ଉଦ୍‌ଯାପନୀ ସମାରୋହକୁ ଚିହ୍ନିତ କରେ। ଏଥିରେ ଦେଶର ବିଭିନ୍ନ ଭାଗରୁ ୮୯୮ ମହିଳା କ୍ୟାଡେଟ୍‌ଙ୍କ ସମେତ ୨ ହଜାର ୪୦୬ ଏନ୍‌ସିସି କ୍ୟାଡେଟ୍ ଅଂଶ ଗ୍ରହଣ କରିଥିଲେ । ଏହି ର୍‍ୟାଲିରେ ୨୧ ବିଦେଶୀ ରାଷ୍ଟ୍ରର ୨୦୭ ଯୁବ ଏବଂ ଅଧିକାରୀ ଅଂଶ ଗ୍ରହଣ କରିବେ । ଆଜିକାର ଏହି କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ପ୍ରେଜ୍-ଇଣ୍ଡିଆ-ଇୟୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଭାରତ-ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସଂକ୍ରାନ୍ତ ଐତିହାସିକ ବୁଝାମଣା ସଫଳାର ସହ ସଂପନ୍ନ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି । ଏହା ଉଭୟ ରାଷ୍ଟ୍ରର

ନାଗରିକଙ୍କ ଜୀବନଧାରଣରେ ଉଲ୍ଲେଖନୀୟ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି । ଏହା ଏକ ସ୍ଥିର, ସମତୁଲ ଏବଂ ନିୟମ ପର୍ଯ୍ୟବେସିତ ଅନ୍ତର୍ଜାତୀୟ ଶୃଙ୍ଖଳା ଗଠନ ଦିଗରେ ଉଭୟ ପକ୍ଷର ମିଳିତ ଆକାଂକ୍ଷିତ ବୁଝାମଣା ବୋଲି ସେ କହିଛନ୍ତି । ଭାରତ ଏବଂ ୟୁରୋପ' ଏକ ସମକାଳୀନ ସ୍ୱାର୍ଥ ପାଇଁ ଯୋଗାଯୋଗରେ ନାହାନ୍ତି, ବରଂ ଉଭୟ ଗଣତନ୍ତ୍ର, ବହୁବାଦ ଏବଂ ମୁକ୍ତ ବଜାର ଅର୍ଥନୀତିକୁ ବ୍ୟାପକ କରିବା ନେଇ ସହମତ ପ୍ରକାଶ କରିଛନ୍ତି । ଗତକାଲି ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର୍ ଲିଏନ୍ ଙ୍କ ପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର ପ୍ରୀତିଭୋଜନର ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି କହିଛନ୍ତି, ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଅର୍ଥନୈତିକ ସହଯୋଗ ହେଉଛି ପ୍ରମୁଖ ସ୍ତମ୍ଭ । ଉଭୟ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ପ୍ରତି ଅଧିକ ମନୋନିବେଶ କରି ଦୁଇଦେଶର ସମୃଦ୍ଧ ଏବଂ ସାମାଜିକ ପ୍ରଗତିକୁ ଆଗେଇ ନେବା ନେଇ ମତ ବିନିମୟ କରିଥିଲେ ।

## ପିଏମ୍-ବିଶ୍ୱକର୍ମା ହାଟ

ନୂଆଦିଲ୍ଲୀଠାରେ ଆୟୋଜିତ ପିଏମ୍ ବିଶ୍ୱକର୍ମା ହାଟ ୨୦୨୬କୁ ୧୮ଟି ଦେଶର ବୈଦେଶିକ ପ୍ରତିନିଧି ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି । ଆଲ୍‌ଜେରିଆ, ବେଲାରୁଷ, କାମେରୁନ୍, କ୍ୟୁବା, ଇକ୍ୱେଡର ଏବଂ ଇଥିଓପିଆ ଆଦି ରାଷ୍ଟ୍ରର ଅତିଥିମାନେଙ୍କୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ

ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ରଜନୀଶ ସୂଚନା ଦେଇ କହିଛନ୍ତି, ଏହି ବିଦେଶୀ ପ୍ରତିନିଧିମାନେ ନିଯୁକ୍ତ ସୃଷ୍ଟି ଏବଂ ସମାବେଶୀ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଆସାମ, ରାଜସ୍ଥାନ, ପଞ୍ଜାବ ଆଦି ରାଜ୍ୟଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ହାଟ ଚଳିତମାସ ୧୮ ତାରିଖରେ ଆରମ୍ଭ ହୋଇଛି ।

## ଜଳଜୀବନ ପଲିସି ଡାଏଲଗ୍

ଜଳଜୀବନ ମିଶନ ଉପରେ ଆଧାରିତ ମନ୍ତ୍ରିସ୍ତରୀୟ ନୀତି ନିର୍ଦ୍ଧାରଣ ସ୍ତରୀୟ ଆଲୋଚନା ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି । ବୈଠକରେ ଗ୍ରାମୀଣ ପାନୀୟ ଜଳ ସେବାର ସ୍ଥାୟୀ କାର୍ଯ୍ୟକାରିତା ଏବଂ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ ଗ୍ରାମପଞ୍ଚାୟତ ଦ୍ୱାରା ଦୀର୍ଘସ୍ଥାୟୀ କାର୍ଯ୍ୟକାରିତା ଏବଂ ପରିଚାଳନା ଫ୍ରେମଓ୍ୱାର୍କର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ଏ କ୍ଷେତ୍ରରେ ଦୀର୍ଘସ୍ଥାୟୀ, ଉତ୍ତର ଦାୟିତ୍ୱ ଏବଂ ଅର୍ଥନୀତିକ ଶୃଙ୍ଖଳାର ଆବଶ୍ୟକତା ରହିଛି । ଆଗାମୀ ଦିନରେ ଏହାର ସଂପ୍ରସାରଣ ପାଇଁ ରାଜ୍ୟଗୁଡ଼ିକୁ ପାଣି ଯୋଗାଣ କ୍ଷେତ୍ରରେ ବୁଝାମଣା କରାଯିବ ବୋଲି ସେ ଘୋଷଣା କରିଛନ୍ତି । ଏହି ଆଲୋଚନା କାଳରେ ଜଳଜୀବନ ମିଶନ ଅଧୀନରେ ପାନୀୟ ଜଳ

ପରିଚାଳନା ଦିଗରେ ଭାରତର ସାମ୍ବିଧାନିକ ଏବଂ ପ୍ରଶାସନିକ ଫ୍ରେମଓ୍ବର୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ଡାଟା ପ୍ରାଇଭେସି ଡେ

ବିଶ୍ୱର ବିଭିନ୍ନ ଭାଗରେ ଆଜି ଅନ୍ତର୍ଜାତୀୟ ତଥ୍ୟ ଗୋପନୀୟତା ଦିବସ ପାଳନ କରାଯାଉଛି । ଡିଜିଟାଲ ଯୁଗରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଏବଂ ଗୋପନୀୟତା ରକ୍ଷା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ରହିଛି । ଏହି ଦିବସକୁ ମଧ୍ୟ ତଥ୍ୟ ସୁରକ୍ଷା ଦିବସ ରୂପେ ପାଳନ କରାଯାଏ । ୨୦୦୬ ମସିହାରେ ୟୁରୋପ ପରିଷଦ ଦ୍ୱାରା ଏହାକୁ ସର୍ବପ୍ରଥମେ ମାନ୍ୟତା ପ୍ରଦାନ କରାଯାଇଥିଲା । ତଥ୍ୟ ଗୋପନୀୟତା ହେଉଛି ଡିଜିଟାଲ ପରିଚାଳନାର ଦାୟିତ୍ୱସଂପନ୍ନ ଦିଗରେ ଏକ ମୌଳିକ ସ୍ତମ୍ଭ । ଭାରତ ନାଗରିକଙ୍କ ତଥ୍ୟ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । କେନ୍ଦ୍ର ସରକାର ତଥ୍ୟ ସୁରକ୍ଷା ସଂକ୍ରାନ୍ତ ଡିପିଡିପି ଆଇନ ୨୦୨୩ ଏବଂ ଡିପିଡିପି ନିୟମ ୨୦୨୫ ନିର୍ଦ୍ଧାରଣ କରିଛନ୍ତି । ଏହା ନାଗରିକ କୈନ୍ଦ୍ରିକ ହୋଇ ତଥ୍ୟ ଗୋପନୀତା, ନବସୃଜନ ଏବଂ ଜନସ୍ୱାର୍ଥ କ୍ଷେତ୍ରରେ ସମତୁଲତା ବଜାୟ ରକ୍ଷାକରିପାରିଛି । ସେହିପରି କେନ୍ଦ୍ର ସରକାର ୨୦୨୫-୨୬ ବଜେଟ୍‌ରେ ସାଇବର ସିକ୍ୟୁରିଟି ପାଇଁ ୭୮୦ କୋଟି ଟଙ୍କା ମଂଜୁର କରିଛନ୍ତି ।

## ଟେକ୍ସଟାଇଲ୍ ମିନିଷ୍ଟର

ବୟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ବୁଝାମଣା ହେଉଛି ଦେଶର ବୟନ ଏବଂ ପୋଷାକ ତିଆରି କ୍ଷେତ୍ର ପାଇଁ ଏକ ରୂପାନ୍ତରିତ ବାଣିଜ୍ୟ ବୁଝାମଣା । ୟୁରୋପୀୟ ସଂଘ ହେଉଛି ଭାରତର ଦ୍ୱିତୀୟ ସର୍ବବୃହତ ବୟନ ରପ୍ତାନୀକାରୀ ରାଷ୍ଟ୍ର । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୟୁରୋପୀୟ ସଂଘକୁ ବୟନ ସାମଗ୍ରୀ ରପ୍ତାନୀ ପରିମାଣ ଗତ ୫ ବର୍ଷ ମଧ୍ୟରେ ସକାରାତ୍ମକ ଭାବେ ବୃଦ୍ଧି ପାଇଛି । ସେହିପରି ୟୁରୋପୀୟ ସଂଘକୁ ଭାରତର ତିଆରି ପୋଷାକ ରପ୍ତାନୀ ବୃଦ୍ଧି ପାଇଛି । ସେଥିରେ ସୂତାର ଲୁଗାପଟା, ମଣିଷକୃତ ତନ୍ତୁଜାତୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ଗାଲିଚା ଅନ୍ୟତମ । ଦୁଇପକ୍ଷ ମଧ୍ୟରେ ଏହି ବୁଝାମଣା ଯୋଗୁଁ ୟୁରୋପୀୟ ବଜାରରେ ଭାରତର ବୟନ ସାମଗ୍ରୀ ବୃଦ୍ଧି ପାଇବ ଏବଂ ବିଶ୍ୱର ବିଭିନ୍ନ ପ୍ରାନ୍ତର ପାଇଁ ଉନ୍ନତ ଖାଉଟି ବଜାରକୁ ବ୍ୟାପକର କରିବା ଦିଗରେ ନୂତନ ସୁଯୋଗ ସୃଷ୍ଟି କରିବ ।

## ଏନସିଡିସି-ନିପା ଭାଇରସ୍

ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର-ଏନ୍‌ସିଡିସି ପକ୍ଷରୁ ଗତବର୍ଷ ଡିସେମ୍ବର ମାସରୁ ଆଜି ସୁଦ୍ଧା ପଶ୍ଚିମବଙ୍ଗରେ କେବଳ ନିପା ଭାଇରସ୍‌ରେ ୨ ଜଣ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟୀକରଣ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦେଶର ବିଭିନ୍ନ ଗଣମାଧ୍ୟମରେ ନିପା ଭାଇରସ୍‌ରେ ଆକ୍ରାନ୍ତ ଲୋକଙ୍କ ସଂପର୍କରେ ଭୁଲ୍ ତଥ୍ୟମାନ ଦିଆଯାଉଥିବାରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି । ୨ ଜଣ ଆକ୍ରାନ୍ତଙ୍କ

ସଂପର୍କରେ ସୂଚନା ମିଳିବା ପରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଦିଗରେ ତୁରନ୍ତ ଏବଂ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଭୂତାଣୁ ଆକ୍ରାନ୍ତଙ୍କ ଦ୍ୱାରା ଯୋଗାଯୋଗରେ ଆସିଥିବା ୧୯୬ ଜଣ ଲୋକଙ୍କୁ ଚିହ୍ନଟ କରାଯାଇ ତାଙ୍କର ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ ସେମାନଙ୍କଠାରେ ନିପା ଭାଇରସ୍ ନଥିବା ଜଣାପଡ଼ିଥିଲା । ଏପର୍ଯ୍ୟନ୍ତ ନିପା ଭାଇରସ୍ ଦ୍ୱାରା ଅଧିକ କେହି ଆକ୍ରାନ୍ତ ହୋଇନଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମସ୍ତ ଆବଶ୍ୟକୀୟ ଜନସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ମଷ୍ଟଆନାଉନ୍ସମେଣ୍ଟ

ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ବିଶେଷ ଆଲୋଚନା କାର୍ଯ୍ୟକ୍ରମ **ଇସୁଜ୍ ବିଫୋର୍ ପାର୍ଲାମେଣ୍ଟ ଏବଂ ସଂସଦ୍ କେ ସମ୍ମୁଖ ମୁଦେ** ପ୍ରସାରଣ କରାଯିବ । ଏଫ୍ଏମ୍ ରେନ୍‌ବୋ ଏବଂ ଅତିରିକ୍ତ ଫ୍ରିକ୍ୱ୍ୟନ୍‌ସି ମାଧମରେ ଏହି କାର୍ଯ୍ୟକ୍ରମ ରାତି ସାଢ଼େ ୯ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରଚାରିତ ହେବ । **NEWS ON AIR DOT GOV DOT IN** ୱେବ୍‌ସାଇଟ୍ ଏବଂ **NEWS ON AIR OFFICIAL YOUTUBE** ଚ୍ୟାନେଲ୍‌ରେ ମଧ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

# କ୍ରିକେଟ୍

ବିଶାଖାପଟନମ୍‌ର ଏସିଏ-ଭିଡିସିଏ ଷ୍ଟାଡିୟମ୍‌ଠାରେ ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ । ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟିଯାକ ମ୍ୟାଚ୍‌ରେ ଭାରତ ଏକତରଫା ଭାବେ ବିଜୟ ହାସଲ କରିଛି । ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୩-୦ରେ ଆଗୁଆ ରହିଛି ।

# ଅଣ୍ଡର-୧୯ କ୍ରିକେଟ୍

୧୯ ବର୍ଷରୁ କମ୍ ପୁରୁଷ ବର୍ଗ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲି ଭାରତ ଜିମ୍ବାୱେକୁ ୨୦୪ ରନ୍‌ରେ ପରାସ୍ତ କରି ଗ୍ରୁପ୍-୨ ପଏଣ୍ଟ ତାଲିକାରେ ଶୀର୍ଷସ୍ଥାନକୁ ଆସିଛି । ଏହା ହେଉଛି ଭାରତର ସୁପର୍ ସିକ୍ସ ପର୍ଯ୍ୟାୟରେ ପ୍ରଥମ ବିଜୟ । ବିହାନ୍ ମାଲ୍‌ହୋତ୍ରାଙ୍କ ଅପରାଜିତ ଶତକ ଏବଂ ବୈଭବ ସୂର୍ଯ୍ୟବଂଶୀ ଓ ଅଭିଜ୍ଞାନ କୁଣ୍ଡୁଙ୍କ ଅର୍ଦ୍ଧଶତକ ବଳରେ ଭାରତ ୮ ୱିକେଟ୍‌ରେ ୩୫୨ ରନ୍ ସଂଗ୍ରହ କରିଥିଲା । ଏହାକୁ ପିଛା କରି ଜିମ୍ବାୱେ ୩୭ ଦଶମିକ ୪ ଓଭର୍‌ରେ ୧୪୮ ରନ୍‌କରି ଅଲ୍ ଆଉଟ୍ ହୋଇଯାଇଥିଲା । ଭାରତର ଅଧିନାୟକ ଆୟୁଷ ମହାତ୍ରେ ୨ଟି ଛକା ଓ ଗୋଟିଏ ଚୌକା ସହ ୨୧ ରନ୍ କରିଥିଲେ । ସେହିପରି ସୂର୍ଯ୍ୟବଂଶୀ ୩୦ଟି ବଲ୍‌ରୁ ୪ଟି ଛକା ଏବଂ ଚୌକା ସହ ୯୨ ରନ୍ ସଂଗ୍ରହ

କରିଥିଲେ । ଜିମ୍ବାୱେ ପକ୍ଷରୁ ଲିରୟ ଚିୱାୟୁଲା ସର୍ବାଧିକ ୬୨, କିୟାନ୍ ବ୍ଲିକ୍ନଟ ୩୭ ଏବଂ ତାତେନ୍ଦା ୨୯ ରନ୍ ସଂଗ୍ରହ କରିଥିଲେ ।